**ବାଣିଜ୍ୟକର ଏବଂ ଜିଏସଟି କମିଶନରେଟ, ଓଡିଶା, କଟକ**

**ପ୍ରେସ ଇସ୍ତହାର**

**ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ୬୪୧ କୋଟି ଟଙ୍କାର ଜାଲ ବିଲ ରାକେଟ ମାମଲାରେ ତୃତୀୟ ମାଷ୍ଟରମାଇଣ୍ଡ ଗିରଫ**

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ୬୪୧ କୋଟି ଟଙ୍କାର ଏକ ଜାଲ ବିଲ ରାକେଟ ମାମଲାରେ (କେସ ନମ୍ବର 2CC 32 of 2021, ରାଉରକେଲା) ଜଡିତ ତୃତୀୟ ମାଷ୍ଟରମାଇଣ୍ଡ ଶ୍ରୀ ବସନ୍ତ କୁମାର ପଟ୍ଟନାୟକ ଙ୍କୁ ତା୫.୮.୨୦୨୧ ରେ ଭୁବନେଶ୍ୱରରୁ ଗିରଫ କରାଯାଇଛି । ଏହି ମାମଲାରେ ଦୁଇ ଜଣ ମାଷ୍ଟରମାଇଣ୍ଡ ଶ୍ରୀ ଗୁରଦିତ ଡାଙ୍ଗ (ତିରୁପତି ଟ୍ରେଡ଼ର୍ସର ମାନେଜିଂ ପାର୍ଟନର ଓ ଶତଗୁରୁ ମେଟାଲ୍ସ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ ର ଅଧିକୃତ ପ୍ରତିନିଧି) ଏବଂ ଶ୍ରୀ ସୁଜୟ ମଇତ୍ର (ରାଉରକେଲା ସ୍ଥିତ ସ୍ମାର୍ଟଏଜିସ ଟ୍ରେଡ ଭେଞ୍ଚର ପ୍ରାଇଭେଟ ଲିମିଟେଡ ର ନିର୍ଦ୍ଦେଶକ) ପୂର୍ବରୁ ଗିରଫ ହୋଇଛନ୍ତି । ଏହି ଜାଲ ବିଲ ବଳରେ ୧୧୫.୧୦ କୋଟି ଟଙ୍କାର ଜାଲ ଆଇଟିସି ଉପଭୋଗ ଓ ହସ୍ତାନ୍ତର ହୋଇଥିଲା ।

ଗତ ଦେଢ ବର୍ଷ ଧରି ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଶ୍ରୀ ବସନ୍ତ କୁମାର ପଟ୍ଟନାୟକ ଙ୍କୁ ଖୋଜୁଥିଲା । ଯାଜପୁର ଏନଫୋର୍ସମେଣ୍ଟ ଇଉନିଟ ଦ୍ୱାରା ତଦନ୍ତ ଚାଲିଥିବା ଅନ୍ୟ ଏକ ମାମଲାରେ ମଧ୍ୟ ସେ ସମ୍ପୃକ୍ତଥିଲେ । ଏହି ମାମଲାରେ ପୂର୍ବରୁ (୨୩.୧.୨୦୨୦) ଦୁଇ ମାଷ୍ଟରମାଇଣ୍ଡ ଶ୍ରୀ ଅମିତ ବେରିୱାଲ ଓ ଶ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ଙ୍କ ସହ ମିଶି ୬ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ଚଳାଇଥିଲେ । ଏଥିରେ ୨୧୯.୬୧ କୋଟି ଟଙ୍କାର ଜାଲ ବିଲ କାରବାର ହୋଇଥିବା ବେଳେ ୩୯.୫୩ କୋଟି ଟଙ୍କାର ଜାଲ ଆଇଟିସି ହସ୍ତାନ୍ତର ହୋଇଥିଲା ।

ତଦନ୍ତ ସମୟରେ ଶ୍ରୀ ପଟ୍ଟନାୟକ ସ୍ୱୀକାର କରିଛନ୍ତି ଯେ ଅନୁଗୁଳ , ରାଉରକେଲା , ସୁନ୍ଦରଗଡ , ଜଗତସିଂହପୁର , ଝାରଖଣ୍ଡ ଆଦି ଅଞ୍ଚଳର ନିରୀହ ଲୋକ ଯଥା ପାଣି ମିସ୍ତ୍ରୀ , ଡ୍ରାଇଭର, ବେକାର ଯୁବକ, ଗୃହିଣୀ ଆଦିଙ୍କୁ ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବା ଓ ମାସିକ ୫୦୦୦ ଟଙ୍କା ରୋଜଗାର ଆଳ ଦେଖାଇ ସେମାନଙ୍କ ପରିଚୟ ପତ୍ର ଯଥା ପ୍ୟାନ, ଆଧାର, ବାଙ୍କ ପାସବୁକ ଆଦି ଆଣିଥିଲେ ଓ ସେଗୁଡିକୁ ବ୍ୟବହାର କରି ଜିଏସଟି ପଞ୍ଜୀକରଣ ହାସଲ କରିଥିଲେ ଏବଂ ବିଭିନ୍ନ ବ୍ୟାଙ୍କ ରେ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ । ଜିଏସଟି ପଞ୍ଜୀକରଣ ନେଇ ସେ ଅନ୍ୟ ମାନଙ୍କ ସହ ମିଶି କୌଣସି ଦ୍ରବ୍ୟ ର ଆଦାନ ପ୍ରଦାନ ବିନା ସେ ଜାଲ ବିଲ ବ୍ୟବସାୟରେ ଲିପ୍ତ ରହିଥିଲେ । ଚଳିତ ମାସ ୫ ତାରିଖ ଦିନ ଶ୍ରୀ ପଟ୍ଟନାୟକଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇଛି ଓ ତାଙ୍କୁ ରାଉରକେଲାରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଙ୍କ ସାମନାରେ ହଜାର କରାଯିବ ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)(c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

***